# ପ୍ରେସ ନୋଟ

--------------

କୋଭିଡ - ୧୯ ବିରୋଧୀ ଅଭିଯାନ ପାଇଁ ଚାଲିଥିବା ଲକ ଡାଉନ ସମୟରେ ସାଧାରଣ ଜନତାଙ୍କର ଅର୍ଥନୈତିକ ଦୁଃସ୍ଥିତି ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅନ୍ତର୍ଗତ ମହିଳା ଜମାଧାରୀଙ୍କ ଖାତାରେ ପାଞ୍ଚ ଶହ ଟଙ୍କା ଜମା କରାଯାଇଛି । ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ମହିଳାମାନେ ନିଜର ଜମା ରଖିଥିବା ବ୍ୟାଙ୍କ , ପଞ୍ଚାୟତର ଗ୍ରାହକ ସେବା କେନ୍ଦ୍ର କିମ୍ବା ସମ୍ପୃକ୍ତ ବ୍ୟାଙ୍କର ଏ ଟି ଏମକୁ ଯାଇ ଏହି ଟଙ୍କା ଉଠାଣ କରିପାରିବେ । ଆକାଉଣ୍ଟ ନମ୍ବରର ଶେଷ ଅଙ୍କ ଶୂନ୍ୟ ( ୦ ) କିମ୍ବା ( ୧ ) ହୋଇଥିଲେ ସମ୍ପୃକ୍ତ ମହିଳାଙ୍କ ପାଇଁ ଏହି ସେବା ଚଳିତ ଅପ୍ରେଲ ମାସ ୩ ତାରିଖରେ ଉପଲବ୍ଧ ହେବ । ସେହିପରି ଶେଷ ଅଙ୍କ ୨ କିମ୍ବା ୩ ହୋଇଥିଲେ ଅପ୍ରେଲ ୪ ତାରିଖରେ , ୪ କିମ୍ବା ୫ ହୋଇଥିଲେ ଅପ୍ରେଲ ୭ ତାରିଖରେ , ୬ କିମ୍ବା ୭ ହୋଇଥିଲେ ଅପ୍ରେଲ ୮ ତାରିଖରେ ଏବଂ ୮ କିମ୍ବା ୯ ହୋଇଥିଲେ ଅପ୍ରେଲ ୯ ତାରିଖରେ ଏହି ସେବା ଲାଭ କରିପାରିବେ । କିନ୍ତୁ ଏଥି ପାଇଁ ସାମାଜିକ ଦୂରତା ବଜାୟ ରଖିବେ । କାଉଣ୍ଟରରେ ଭିଡ଼ କରିବେ ନାହିଁ । ଯଦି ଧାର୍ଯ୍ୟ ଦିନମାନଙ୍କରେ ସମ୍ପୃକ୍ତ ଜମାକାରୀ ଏହି ସେବା ଲାଭ କରିନପାରନ୍ତି , ଆକାଉଣ୍ଟ ସଂଖ୍ୟା ନିର୍ବିଶେଷରେ ସମସ୍ତେ ଅପ୍ରେଲ ୧୦ତାରିଖରୁ ଯେ କୌଣସି କର୍ମ ଦିବସରେ ବ୍ୟାଙ୍କର ବ୍ରାଞ୍ଚରୁ ଏହି ସେବା ପାଇପାରିବେ । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପ୍ରେସ ନୋଟ ଜାରି କରାଯାଇଛି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ , ଝାରସୁଗୁଡ଼ା ।